# ଦ୍ୱିତୀୟ ସନ୍ଧ୍ୟାରେ ଜମିଲା ସାଂସ୍କୃତିକ ଆସର



ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ।


ସାଂସ୍କୃତିକ କାର୍ଯ୍ୟକ୍ରମ।

## ହିଙ୍ଗୁଳା ପୀଠରେ ଲୋକ ମହୋତ୍ସବ

ତାଳଚେର,୧।୪ (ମନୋଜ ନନ୍ଦ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବିଶ୍ୱ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଅବସରରେ ଆୟୋଜିତ ୨୨ତମ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ମା' ହିଙ୍ଗୁଳାଙ୍କ ଅଲୌକିକ ଲୀଳା ସମ୍ପର୍କରେ କହିବା ସହ ଖାଉଟିମାନଙ୍କ ମନରୁ ଗ୍ୟାସ୍ ସଙ୍କଟ ଭୟ ଦୂର କରିବାକୁ ପରାମର୍ଶ ଦେଇଥିଲେ। ଗ୍ୟାସ୍ ଅଭାବ ଦେଖାଦେବା କଥା ଏକ ଅପପ୍ରଚାର। କେତେଜଣ ଅସାଧୁ ବ୍ୟକ୍ତି କଳାବଜାରୀ ଏବଂ ଅଗ୍ରୀମ ବୁକିଂ କରିବା ଉଦ୍ଦେଶ୍ୟରେ ଏଭଳି ଗୁଜବ ସୃଷ୍ଟି କରୁଛନ୍ତି। ଗ୍ୟାସ୍ ଯୋଗାଣରେ କୌଣସି ଅସୁବିଧା ହେଲେ ସେ ନିଜେ ସେହି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଏବଂ ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁଙ୍କ ସଭାପତିତ୍ୱ କରିଥିଲେ। ବିଡିଓ ଶିବ ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ସୁଲଗ୍ନା ଓ ସଞ୍ଜୀବ ମଞ୍ଚ ପରିଚାଳନା କରିଥିଲେ। ପରେ ନୃତ୍ୟ ନିଳୟ, ମା' ରୁଦ୍ରକାଳୀ ମହାସଂଘ ଏବଂ ପୁରୀର ଗୋଟିପୁଅ ନୃତ୍ୟ ଦଳ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ କୁମାର ଜିତୁ ଏବଂ କୁମାର ଟୁଟୁଙ୍କ ସଙ୍ଗୀତରେ ଦର୍ଶକମାନେ ବିଭୋର ହୋଇଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅତିଥି, କଳାକାର ଓ ଶ୍ରଦ୍ଧାଳୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ

ବଇଣ୍ଡା,୧।୪ (ପରିକ୍ଷିତ ସାହୁ)

ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ହଣ୍ଡପା ଠାରୁ ବଡ଼କେରା ପର୍ଯ୍ୟନ୍ତ ଶିଶୁ ଶ୍ରମିକ ନିରାକାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଅଞ୍ଚଳରୁ ଏକ ଗ୍ୟାରେଜରେ କାମ କରୁଥିବା ୧୫ ବର୍ଷର ଶିଶୁ ଓ ବଡକେରା ଅଞ୍ଚଳର ଏକ ରଙ୍ଗ ଦୋକାନରୁ ୧୩ ବର୍ଷର ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଏବଂ ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ସଚେତନ କରାଯାଇଥିଲା। ୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ପ୍ରକଳ୍ପ ସଂଯୋଜିକା, ପ୍ରକଳ୍ପ ସହାୟିକା ଓ ପୋଲିସ ପ୍ରଶାସନ ସହଯୋଗ କରିଥିଲେ।

## ଅନୁଗୋଳରେ ପ୍ରଥମ ପର୍ଯ୍ୟାୟ ଗୃହଗଣନା ଆରମ୍ଭ


ଅନୁଗୋଳ ବିଧାୟକଙ୍କ ସହ ଗୃହଗଣନା କରୁଥିବା କର୍ମଚାରୀ।

ଅନୁଗୋଳ,୧।୪(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଶା ଦିବସର ଶୁଭ ଅବସରରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା କାର୍ଯ୍ୟକ୍ରମ ଅନୁଗୋଳ ଜିଲାରେ ବୁଧବାର ଆରମ୍ଭ ହୋଇଛି। ଏହି ଗୃହଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲାପାଳ ତଥା ଜିଲା ପ୍ରମୁଖ ଜନଗଣନା ଅଧିକାରୀ ଅବଦଲ ମୁହମ୍ମଦ ଅଖତାର କରିଥିଲେ। ରାଷ୍ଟ୍ରହିତରେ ସମର୍ପିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ଜନଗଣନାକାରୀମାନେ ସାମିଲ ହୋଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବାସଭବନରେ ସ୍ୱ-ଗଣନା କରିଥିଲେ । ପରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ତଥା ଜିଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟ ଓ ଡେପୁଟି କଲେକ୍ଟର ତଥା ଜିଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ରଙ୍କ ବାସଭବନକୁ ଯାଇ ଗୃହଗଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଅନୁଗୋଳ ତହସିଲର ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର ସୁଶ୍ରୀ ଶ୍ରୀପାଲୀ ଭରଦ୍ୱାଜ, ଜିଲା କାର୍ଯ୍ୟାଳୟର ସହକାରୀ ଜିଲାପାଳ ସଞ୍ଜୟ କୁମାର ଭୋଇ, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ଜିଲା ସଂଯୋଜକ ଅମିତ ରତ୍ନମ ଓ ଦୀପକ କୁମାର ଏବଂ ଜନଗଣନା ପର୍ଯ୍ୟବେକ୍ଷକ, କ୍ଷେତ୍ର ପ୍ରଶିକ୍ଷକମାନେ ସାମିଲ ହୋଇଥିଲେ। ଜିଲାର ସମସ୍ତ ୧୨ ଜଣ ଚାର୍ଜ ଅଫିସର ନିଜ ନିଜ ଅଞ୍ଚଳରେ ଏହି ଗୃହଗଣନା କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କଣିହାଁ,୧।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନା ସାନତ୍ରିବିଡ଼ା ପଞ୍ଚାୟତ ଚନ୍ଦ୍ରବିଲ ଗ୍ରାମ ମନ୍ଦିର ପୋଖରୀରେ ବୁଡ଼ି ବୁଧବାର ଶ୍ରୀକାନ୍ତ ସେଠୀ (୬୧)ଙ୍କ ମୃତ୍ୟୁ ଘଟିଛି। କଣିହାଁ ଅଗ୍ନିଶମ ବାହିନୀ ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ ଫାୟାରମ୍ୟାନ ବିକ୍ରମ ସାହୁ, ଅନିଲ ତରେଇ ଓ ଦେବେନ୍ଦ୍ର ବାଳାଙ୍କ ସହଯୋଗରେ ଶ୍ରୀକାନ୍ତଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରାଯାଇଥିଲା। ସମଲ ଥାନା ପୋଲିସ ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଯାଇଥିବାବେଳେ ତଦନ୍ତ ଜାରି ରହିଛି।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

କଣିହାଁ,୧।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ବିଭିନ୍ନ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ଗହଣରେ ସମଲ ବ୍ୟାଙ୍କ ଛକଠାରେ ଓ ପବିତ୍ରନଗର ବଜାରଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପବିତ୍ରନଗର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ବେହେରାଙ୍କ ନେତୃତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସମେତ ଗୁରୁମା ଗୁରୁଜୀ ବିଭିନ୍ନ ସ୍ଥାନରେ ଥିବା ଗୋପବନ୍ଧୁ ଓ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମଲବ୍ୟାରେଜ ଶିଶୁମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଶା ଦିବସ ପାଳନ କରାଯାଇଥିଲା।

## ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ

ଅନୁଗୋଳ,୧।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସଭାଘରଠାରେ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ଉତ୍ସବରେ ଅତିରିକ୍ତ ପୋଲିସ ଅଧୀକ୍ଷକ ଉପାସନା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସମୀର କୁମାର କାନୁନ୍‌ଗୋ, ସହାୟକ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ଶିକ୍ଷୟିତ୍ରୀ ଅମ୍ରିତା ପ୍ରିୟଦର୍ଶିନୀ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଟିଟିପିଏସ୍ ଡିଏଭି ଅଧ୍ୟକ୍ଷା ଜ୍ୟୋତି ମିଶ୍ର, ଶୁକ୍ଳା ଚକ୍ରବର୍ତ୍ତୀ, ସଙ୍ଗୀତ ପଟ୍ଟନାୟକ, ଫକିର ମୋହନ ସାହୁ, ସଂଯୁକ୍ତା ପୃଷ୍ଟି, ସୁଜାତା ସାମଲ, ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଦୀପିକା ସାମଲ ମଞ୍ଚ ପରିଚାଳନା କରିଥିଲେ। ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଦିବସର ମହତ୍ତ୍ୱ ଉପରେ ଆଲୋକପାତ


ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ଓଡ଼ିଶା ଦିବସ ପାଳନ କରାଯାଉଛି।

ଅନୁଗୋଳ,୧।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଶିରିଶ କୁମାର ମିଶ୍ର ଓଡ଼ିଶା ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ଶିକ୍ଷକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ 'ବନ୍ଦେ ଉତ୍କଳ ଜନନୀ' ଗାନ, ଓଡ଼ିଶୀ ନୃତ୍ୟ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷ ସାହୁ ଓଡ଼ିଶାର ଗୌରବ ଓ ଐତିହ୍ୟ ସଂରକ୍ଷଣ ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜାଛକରେ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ



ରାଜା ଛକଠାରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

ଅନୁଗୋଳ,୧।୪ (ଜ୍ୟୋତିରଞ୍ଜନ ସାହୁ)

ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ଅନୁଗୋଳ ବିଜେଡିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଏଥିସହ ବୁଧବାର ଅନୁଗୋଳ ରାଜା ଛକଠାରେ ଦୁବେଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ନଗରପାଳ ଅକ୍ଷୟ କୁମାର ସାମନ୍ତ, ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ମହିଳା ସଭାନେତ୍ରୀ ମାଳିନୀ ସର, ଓକିଲ ସଂଘ ସଭାପତି ଦିଲୀପ ସାହୁ, ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସଙ୍କ ସହ ଅନ୍ୟାନ୍ୟ ଜନପ୍ରତିନିଧି ଓ କର୍ମୀମାନେ ଉପସ୍ଥିତ ଥିଲେ। ଯୁବ ବିଜେଡି ନେତା ଅରୁଣାଭ ସିଂହଙ୍କ ନେତୃତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା।

## ଖବରକାଗଜ ବିକ୍ରେତାଙ୍କ ଦେହାନ୍ତରେ ଶୋକ

କଣିହାଁ,୧।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନା ସମଲବ୍ୟାରେଜ ହାଇସ୍କୁଲ ଛକରେ ରହୁଥିବା ଖବରକାଗଜ ବିକ୍ରେତା ତଥା ଦୋକାନୀ ଦେବେଶ ଚନ୍ଦ୍ର ସାନ୍ୟାଲଙ୍କ ବୁଧବାର ପରଲୋକ ଘଟିଛି। ସେ ମଙ୍ଗଳବାର ଅପରାହ୍ନରୁ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ବୁଧବାର କଲୋନୀ ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା


ଦେବେଶ ଚନ୍ଦ୍ର ସାନ୍ୟାଲ।

କରିଥିଲେ। ଦେବେଶ ହାଇସ୍କୁଲ ଛକରେ ଏକ ଛୋଟ ଦୋକାନ ଦେବା ସହ ଖବରକାଗଜ ବିତରଣ କରିଆସୁଥିଲେ। ହଠାତ ତାଙ୍କର ଦେହାନ୍ତ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଜାର କମିଟି ତରଫରୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି।

## ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପାଳିତ


ଶୋଭାଯାତ୍ରା ଅବସରରେ କର୍ମକର୍ତ୍ତାମାନେ।

ସନ୍ତ୍ରୀଛକ,୧।୪(ସନ୍ତୋଷ ପରିଡ଼ା)

ବଣଁରପାଳ ବ୍ଲକ ତଳମୂଳ ଗୋଛାୟତ ସାହି ସ୍ଥିତ ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା ପରେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ସହ ବାର୍ଷିକ ହୋମଯଜ୍ଞ କରାଯାଇଥିଲା। ୨ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଛାୟତ ସାହି ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି କୃପାସିନ୍ଧୁ ଗୋଛାୟତ, ଉପସଭାପତି ସୁଶାନ୍ତ ଗୋଛାୟତ, ଗଣେଶ ଗୋଛାୟତ, ନରେଶ ଗୋଛାୟତ, କୁଶ ଗୋଛାୟତ, ବାଦଲ ଗୋଛାୟତ, ଗୁଲୁ ଗୋଛାୟତ, କାଲୁ ଗୋଛାୟତ, ସତ୍ୟମ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।ସେହିପରି ନୂଆହତା ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ଗଡ଼ସାହିଠାରେ ଥିବା ମା' ମଙ୍ଗଳାଙ୍କ ମୁଖ୍ୟ ପୂଜକ ମା' ଙ୍କ ଏକ ପ୍ରତିମାକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ବିପ୍ଳବ ଜେନା, ଭାଜପା ଜିଲା ସମ୍ପାଦକ କୀଟୁ ପଣ୍ଡା, ଭାଜପା ନେତା ଅଶୋକ ଧୀର ପ୍ରମୁଖ ଯୋଗଦେଇଥିଲେ। ମହେନ୍ଦ୍ର ଦଳବେହେରା, ମାନସ ରଞ୍ଜନ ସିଂହ, ଶିବରାମ ମାଝୀ, ସରୋଜ ମାଝୀ, ବିଦ୍ୟାଧର ସାମଲ, ଲିଟୁ ସିଂହ, ଶ୍ରୀକାନ୍ତ ସାମଲ, ମୁନା ଧୀର, ସଂଗ୍ରାମ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ସୂରତାଲ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଅନୁଗୋଳ,୧।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳର ସାଂସ୍କୃତିକ ଅନୁଷ୍ଠାନ ସୂରତାଲ ପକ୍ଷରୁ ଓଡ଼ିଶା ଦିବସ ସ୍ଥାନୀୟ ସର୍କିଟହାଉସ ନିକଟସ୍ଥ ଶିଶୁ ଉଦ୍ୟାନରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଓଡ଼ିଶାର ମହାପୁରୁଷମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଜୟ ନାଥ, ସମ୍ପାଦକ ସୁଜିତ ସାହୁ, ଦେବାଶିଷ ପଟ୍ଟନାୟକ, ଅଜିତ କୁମାର ସାହୁ, ବିଶ୍ୱରଞ୍ଜନ ସିହ୍ନା, ଚୈତନ୍ୟ ପୋଥାଳ, ପ୍ରକାଶ କୁମାର ନନ୍ଦ, ମୃତ୍ୟୁଞ୍ଜୟ ମହାପାତ୍ର, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଓଡ଼ିଶାର ଐତିହ୍ୟକୁ ବିଶ୍ୱରେ ପହଞ୍ଚାଇବାକୁ ଆହ୍ୱାନ

ବଣଁରପାଳ,୧।୪(ସୁବାସ ସାହୁ)

ଅନୁଗୋଳ ସରସ୍ୱତୀ ବିଦ୍ୟାମନ୍ଦିର ନାଲ୍‌କୋନଗରରେ ଅଧ୍ୟକ୍ଷ ଡା. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ସମ୍ପାଦକ ଡ. ସୁଧାକର ପାଳ ଓ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ନାୟକ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଅନୀଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ସୀତାକାନ୍ତ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଓଡ଼ିଶାର ଗୌରବ ଗାଥା ଓ ଐତିହ୍ୟକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ସାହିତ୍ୟ ସଂସଦ ସଭାପତି ସ୍ନିଗ୍ଧାରାଣୀ ମିଶ୍ର, ସମ୍ପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସୁରେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଛେଣ୍ଡିପଦା,୧।୪(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ଗୋପୀନାଥପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ବିକ୍ରମ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଓ ଛେଣ୍ଡିପଦା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ଶୁଭ୍ରାଶ୍ରୀ ରାୟ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବିନୟ ବିନ୍ଦୁସାଗର ବେହେରା, ଅସିତ କୁମାର ସ୍ୱାଇଁ, ମୁକ୍ତେଶ୍ୱର ସ୍ୱାଇଁ, ଉଗ୍ରସେନ ରଣା, ବାନାମ୍ବର ପ୍ରଧାନ, ପ୍ରିୟଦର୍ଶିନୀ ଭଞ୍ଜ, ସୌମ୍ୟରଞ୍ଜନ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ 'ଗ୍ଲୋରୀଫେଷ୍ଟ'



କାମାକ୍ଷାନଗର, ୧।୪ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାଳୟର ୯ମ ବାର୍ଷିକୋତ୍ସବ 'ଗ୍ଲୋରୀ ଫେଷ୍ଟ' ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଭାପତି ଶରତ ମିଶ୍ର ଭରଦ୍ୱାଜଙ୍କ ଅଧ୍ୟକ୍ଷତା କରି କହିଲେ ପ୍ରଥମେ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣକଲେ ପାଠପଢାରେ ଆଗକୁ ଯାଇହେବ। ପ୍ରତ୍ୟକ ଶିକ୍ଷା ଅନୁଷ୍ଠାନରେ ଆଧ୍ୟାତ୍ମିକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନାଟ୍ୟକାର ଦିଲେଶ୍ୱର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ପାଠର ଚାପ ନଦେଇ ପ୍ରଥମେ ପିଲାର ରୁଚିକୁ ବାଛିଲେ ସେ ଆଗକୁ ଯାଇପାରିବ ବୋଲି କହିଥିଲେ। ପ୍ରଫେସର ଅଟଳ ବିହାରୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପାଠପଢି ପ୍ରତିଷ୍ଠିତ ହେବା ଅପେକ୍ଷା ସାମାଜିକ ପ୍ରତିଷ୍ଠା ଲାଭକଲେ ଦେଶର ମଙ୍ଗଳ ହେବ। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ସ୍ୱାଗତିକା ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଚିରଞ୍ଜୀବ ମିଶ୍ର। ମଞ୍ଚ ପରିଚାଳନ କରିଥିଲେ ପ୍ରଜ୍ଞାପରମିତା ପତି, ସୁରେଶ ଚନ୍ଦ୍ର ଷେଣ୍ଡେ, ପଞ୍ଚାନନ ସାହୁ, ସୁରେଶ ଚନ୍ଦ୍ର ସାହୁ, ଚୁନିବାଳା ବେହେରା, ଲିଲି ଆଚାର୍ଯ୍ୟ, ପ୍ରତିକ୍ଷିତା ନାୟକ, ଗଣେଷ ମିଶ୍ର, ବିଦ୍ୟାନନ୍ଦ ମହାନ୍ତି ପ୍ରମୁଖ।

## ଗୌରବମୟ ଇତିହାସର ସୁରକ୍ଷା ଉପରେ ଗୁରୁତ୍ୱାରୋପ

ପାଲଲହଡ଼ା,୧।୪(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଉପସ୍ଥିତ ରହି ଓଡ଼ିଶାର ଗୌରବମୟ ଇତିହାସ ଏବଂ ଭାଷା-ସାହିତ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ପ୍ରଶାନ୍ତ କୁମାର ସାହୁ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ସାହିତ୍ୟିର ଅବଦାନ ଉପରେ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ତହସିଲଦାର ଆକାଂକ୍ଷା ମହାପାତ୍ର, ସୌମ୍ୟାଶ୍ରୀ ପରିଡ଼ା, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ସାମାଜିକ କର୍ମୀ ଲିଙ୍ଗରାଜ ଦାସ, ସୁଶୀଳ ସାମଲ, ରଘୁନନ୍ଦନ ଆଚାର୍ଯ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ମଞ୍ଚାସୀନ ଥିଲେ। ଡେପୁଟି କଲେକ୍ଟର ବିଦୁସ୍ମିତା ସାହୁ ଓଡ଼ିଆ ଭାଷାକୁ ବଞ୍ଚାଇବା ଏବଂ ପ୍ରସାର ପାଇଁ ଯୁବପିଢ଼ିର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସୂଚନା ଅଧିକାରୀ ଶୋଭିତ କୁମାର ବିଶି ଉପସ୍ଥିତ ଥିଲେ।


ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଗ୍ରାମବାସୀଙ୍କ ଉଦ୍ୟମରେ ଜଙ୍ଗଲ ନିଆଁ ଆୟତ୍ତ ହେଲା

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରି ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ବୁଧବାର ଦିନ ୧ଟା ସମୟରେ ନିଆଁ ଲାଗିଯାଇଥିଲା। ଜଙ୍ଗଲର ବହୁ ମୂଲ୍ୟବାନ ଗଛଲତା ଜଳିଯାଉଥିବା ଦେଖି ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲଙ୍କ ସମେତ ଗ୍ରାମବାସୀ ଏବଂ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ସହାୟତାରେ ଅଗ୍ନି ନିରାପତ୍ତା ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଫଳରେ ବହୁ ମୂଲ୍ୟବାନ ଗଛ ବଞ୍ଚି ଯାଇଥିବା ଗ୍ରାମବାସୀ କହିଛନ୍ତି।

# ଉନ୍ନତ ଜାତି ହିସାବରେ ଗୌରବର ସହ କାର୍ଯ୍ୟ କର: ମନ୍ତ୍ରୀ କୃଷ୍ଣଚନ୍ଦ୍ର



ଅନୁଗୋଳ ସଭାଘରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

## ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ,୧୪(ଦିବ୍ୟଶାନ୍ତନୁ ନାଥ)

ପବିତ୍ର ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ବୁଧବାର ଅନୁଗୋଳ ସଭାଘରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମନ୍ତ୍ରୀ ପାତ୍ର ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଓ କର୍ତ୍ତବ୍ୟନିଷ୍ଠାକୁ ସ୍ମରଣ କରି ଏକ ଉନ୍ନତ ଜାତି ହିସାବରେ ଗୌରବର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଗୋଳର ବିକାଶ ଦିଗରେ ସରକାରଙ୍କ ଯୋଜନାଗୁଡିକ ଠିକ୍ ଭାବେ ରୂପାୟନ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକ ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଙ୍କଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ.ଧରଣୀଧର ନାଥ ଯୋଗଦେଇ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ସ୍ୱତନ୍ତ୍ର ଓଡ଼ିଶା ଗଠନର ବିଭିନ୍ନ ଐତିହାସିକ ଘଟଣାକ୍ରମ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ ସମ୍ମାନିତ ଅତିଥି ଓ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏକ ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୁନ କରାଯାଇଥିଲା। ପରେ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଅନୁଗୋଳ ବିଧାୟକ , ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ଏହି ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଆବଶ୍ୟକ



କିଶୋରନଗର ସିଟି ସ୍କୁଲଠାରେ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ।

ବଇଣ୍ଡା, ୧୪ (ପରିକ୍ଷିତ ସାହୁ)

ଓଡ଼ିଆ ଭାଷା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦେଲେ ଏହାର ଉନ୍ନତି ହୋଇପାରିବ। ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା, ସ୍ୱେଚ୍ଛାସେବୀ ସଙ୍ଗଠନ କଳ୍ପତରୁ ଓ ଆମ ଗାଁ ଆମ ବିଚାର ମଞ୍ଚର ମିଳିତ ଆନୁକୂଲ୍ୟରେ କିଶୋରନଗର ସିଟି ସ୍କୁଲଠାରେ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଡାକ୍ତର ଅଲେଖ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦ କିଶୋର ମହାକୁଡ଼, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିରଞ୍ଚି ନାୟକ, ସତ୍ୟ ସୁନ୍ଦର ଭଞ୍ଜ, ଡାକ୍ତର ଅରୁଣ କୁମାର ପ୍ରଧାନ, ସାମାଜିକ କର୍ମୀ ଜୟନ୍ତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ସାମାଜିକ କର୍ମୀ ଲିପିକା ମହାପାତ୍ର ସଂଯୋଜନା କରିଥିଲେ। କଳ୍ପତରୁ ସଭାପତି ସୁଧୀରଞ୍ଜନ ପ୍ରଧାନ, ଦେବରାଜ ପ୍ରଧାନ, ସୁଧାଂଶୁ ଶେଖର ରାଉଳ, ସୁଦାମ ଚରଣ ପ୍ରଧାନ, ରମାକାନ୍ତ ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଶା ଦିବସ ଓ ପ୍ରଥମ ଦିନୋତ୍ସବ ପାଳିତ

ଆଠମଲ୍ଲିକ,୧୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ଦିବସ, ପ୍ରଥମ ଦିନୋତ୍ସବ ଏବଂ ବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜୀବର୍ଦ୍ଧନ ବାରିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ ଯୋଗଦେଇ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ମଞ୍ଚାସୀନ ଥିଲେ। ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ଆଚାର୍ଯ୍ୟ ବିଶ୍ୱାମିତ୍ର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।

# କୁଲାଡ଼ ଗ୍ରାମରେ ମା'ମଙ୍ଗଳା ମହୋତ୍ସବ ପାଳିତ



ବଅଁରପାଳ,୧୪(ସୁବାସ ସାହୁ)

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ମା' ମଙ୍ଗଳା ମହୋତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଅନେକ ଭକ୍ତ ଯୋଗଦେଇ ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବିରାଟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବାଜା, ବାଣ ସହିତ ମା'ଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସର୍ବଦଳୀୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ମା'ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ରାତି ୧୧ଟାରେ ଅପେରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ପୌର ଅଧ୍ୟକ୍ଷ ଅକ୍ଷୟ ସାମନ୍ତ, ସସ୍ମିତା ବେହେରା, ସାମାଜିକ କର୍ମୀ ପଦ୍ମଖୀ ସିଂହ, ଶିକ୍ଷାବିତ୍ ମହେଶ ଧଳ, ବିପ୍ଳବ ଜେନା, ନାଲ୍‌କୋ ଥାନା ଅଧିକାରୀ ନମିତା ନାୟକଙ୍କ ସହିତ ସରପଞ୍ଚ ଉଷାରାଣୀ ସ୍ୱାଇଁ, ସମିତି ସଭ୍ୟା, ଟ୍ରକ୍ ମାଲିକ ସଂଘ କାର୍ଯ୍ୟକର୍ତ୍ତା ଓ ଗ୍ରାମ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସଫଳ ଆୟୋଜନରେ ସହଯୋଗ କରିଥିଲେ ବୋଲି ସଭାପତି ପ୍ରକାଶ ବେହେରା ସୂଚନା ଦେଇଛନ୍ତି।

# ଅଶୋକ ମହାନ୍ତି ଜିଲା ଯୋଜନା କମିଟି ଅଧ୍ୟକ୍ଷ

ପାଲଲହଡ଼ା,୧୪(ଦିବ୍ୟଜ୍ୟୋତି ଦାଶ)/ ଅନୁଗୋଳ (ଦିବ୍ୟଶାନ୍ତନୁ ନାଥ)



ଅଶୋକ ମହାନ୍ତି।

ଅନୁଗୋଳ ଜିଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ନିଯୁକ୍ତ ହୋଇଛନ୍ତି। ଏହି ଦାୟିତ୍ୱ ପାଇବା ପରେ ବିଧାୟକ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଦାୟିତ୍ୱକୁ ସେ ସୂଚାରୁରୂପେ ପାଳନ କରିବା ସହ ପାଲଲହଡ଼ା ତଥା ଅନୁଗୋଳ ଜିଲାର ବିକାଶ ପାଇଁ ପ୍ରତିବଦ୍ଧ ବୋଲି ପ୍ରକାଶ କରିଛନ୍ତି। ଜିଲା ତଥା ରାଜ୍ୟର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏମ୍‌ପି ରୁଦ୍ର ନାରାୟଣ ପାଣି ଏ ନେଇ ଖୁସି ପ୍ରକଟ କରିବା ଶୁଭକାମନା ଜଣାଇଛନ୍ତି। ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ଜିଲା ଭାଜପା ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

# ଭାଇବୋହୂଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୧୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଆଡ଼େଶ୍ୱର ଗ୍ରାମର ଝୁନୁବାଳା ନାୟକଙ୍କୁ ତାଙ୍କ ଦେଢ଼ଶୁର ଯୋଗେଶ୍ୱର ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ଝୁନୁବାଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୭୧/୨୬ରେ ଏକ ମାମଲା ରୁଜୁ କରିଛି। ଜମିବାଡ଼ି ବିବାଦକୁ ନେଇ ଯୋଗେଶ୍ୱର ଗାଳିଗୁଲଜ ସହ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

# ରଘୁନାଥ ମନ୍ଦିରରେ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ଆଠମଲ୍ଲିକ,୧୪(ଉଦୀପ୍ତ ପୁରୋହିତ)

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିନିକିଆ ଗସ୍ତରେ ଆଠମଲ୍ଲିକ ଆସିଥିବାବେଳେ ସହରସ୍ଥିତ ପୋଲିସ ବନ୍ଧ ନିକଟ ନବନିର୍ମିତ ରଘୁନାଥ ମନ୍ଦିରକୁ ଯାଇ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ, ଶ୍ରୀ ହନୁମାନଙ୍କୁ ଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହିତ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଉପସ୍ଥିତ ଥିଲେ। ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ତଥା ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା କେନ୍ଦ୍ରମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ।



ମନ୍ଦିରକୁ ଦର୍ଶନ ପାଇଁ ଯାଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ମା, ମାଟି ଓ ମାତୃଭାଷାକୁ ଭଲପାଅ



ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ତରଫରୁ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ।

ଆଠମଲ୍ଲିକ,୧୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ଦିବସ ପାଳନ କରାଯାଇଛି। ସକାଳ ୭ ଟାରେ ସହରସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନ ୯ଟାରେ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର ଲୁହା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ହୃଷୀକେଶ ମହାକୁଡ଼, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ପ୍ରମୁଖ ଯୋଗଦେଇ ମା, ମାଟି, ମାତୃଭାଷାକୁ ସବୁବେଳେ ଭଲ ପାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗ, ଅଧ୍ୟାପକ ମାନସ ସାହୁ, ଉପଖଣ୍ଡସ୍ତରୀୟ ଅଧିକାରୀ ଓ କର୍ମଚାରୀ, ଅବସରପ୍ରାପ୍ତ ସୈନିକ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପୀତାମ୍ବର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା।

# 'ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ସଂକଳ୍ପ ନିଅ'

ବଇଣ୍ଡା,୧୪ (ପରିକ୍ଷିତ ସାହୁ)

କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଓଡ଼ିଶା ଦିବସ ତଥା ଓଡ଼ିଆ ପକ୍ଷର ଶୁଭାରମ୍ଭ ଅବସରରେ କିଶୋର ସାହିତ୍ୟ ସଂସଦ ଓ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କିଶୋର ସାହୁ, ମୁଖ୍ୟବକ୍ତା ଭାବେ ଦେବରାଜ ନାୟକ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ କୁଳମଣି ମେହେର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମଣୀ ରଞ୍ଜନ ସାହୁ ଓ ନାଟ୍ୟପ୍ରେମୀ ଅରୁଣ ମିଶ୍ର, ସୁଶାନ୍ତ ପ୍ରଧାନ ଯୋଗଦେଇ ସମୃଦ୍ଧ, ବିକଶିତ ଓ ସ୍ୱାଭିମାନୀ ଓଡ଼ିଶା ଗଢ଼ିବାର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କିଶୋରନଗର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅତିଥିମାନେ।

# ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଆଠମଲ୍ଲିକ ଓକିଲ ସଂଘ କର୍ମକର୍ତ୍ତାମାନେ ଶପଥ ନେଉଛନ୍ତି।

ଆଠମଲ୍ଲିକ, ୧୪ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)

ଆଠମଲ୍ଲିକ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ବୁଧବାର ଶପଥ ନେଇଛନ୍ତି। ସଂଘର ବାର୍ ହଲ୍‌ଠାରେ ନିର୍ବାଚନ ଅଧିକାରୀ ବାମନ କୁମାର ମିଶ୍ର ଏହି ଶପଥପାଠ କରାଇଥିଲେ। ସଂଘ ସଭାପତି ଭାବେ ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖୀ, ଉପସଭାପତି ଉଗ୍ରସେନ ସେଠୀ ଓ କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନୀ ଶପଥ ନେଇଥିଲେ। ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ, ଅସିତ ରଞ୍ଜନ ଦେଓ, ଜିତେନ କୁମାର ମିଶ୍ର, ପୀତବାସ ସାହୁ, ନବୀନ କୁମାର ପ୍ରଧାନ, ରାମଚନ୍ଦ୍ର କର୍ଣ୍ଣ, ଅବନୀ କୁମାର ଆଚାର୍ଯ୍ୟ, ବିଶ୍ୱସୁନ୍ଦର ଶତପଥୀ, ଗଣେଶ ଚନ୍ଦ୍ର କର୍ମୀ, ଅଲେଖ ଚନ୍ଦ୍ର କର୍ମୀ, ସୁଧାଂଶୁ କୁମାର ଶତପଥୀ, ଅରବିନ୍ଦ ଜ୍ୟୋତିଷରାୟ, ଦୀନେଶ କୁମାର ସିଂହ, ଅଶୋକ କୁମାର ମହାପାତ୍ର, ଟଙ୍କଧର ପ୍ରଧାନ, କୀର୍ତ୍ତିପାଳ ଦାଶ, ହରେକୃଷ୍ଣ ସାହୁ, ଲଲାଟେନ୍ଦୁ ଦାଶ, ପ୍ରାଣବନ୍ଧୁ ବେହେରା, ନୀଳାଞ୍ଚଳ ନାଏକ, ନାରାୟଣ ଦାଶ ଓ ପବିତ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା, ୧୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ଧର୍ମପ୍ରାଣା ମହିଳା ନିରୋଦ ଦେହୁରୀ (୭୮)ଙ୍କ ବୁଧବାର ବଇଣ୍ଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକ ଖବରପାଇ ବହୁ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତିଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଜେଡି ନେତା ଭାଗୀରଥି ପ୍ରଧାନ, ଭାଜପା ନେତା ପ୍ରବୀଣ ସାହୁ, ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



# ୩୩ ପୋଲିସ ଅଧିକାରୀ ସମ୍ମାନିତ

## ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ,୧୪ (ଜ୍ୟୋତିରଞ୍ଜନ ସାହୁ)



ପୋଲିସ ଅଧିକାରୀଙ୍କୁ ଏସ୍‌ପି ରାହୁଲ ଜୈନ ସମ୍ମାନିତ କରୁଛନ୍ତି।

ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଗୋଳ ରିଜର୍ଭ ପୋଲିସ ପଡ଼ିଆ ପରିସରରେ ଆଡମ୍ବରର ସହ ପାଳିତ ହୋଇଯାଇଛି। ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆଇଜି ଭୋଇ କହିଥିଲେ, ଜନସାଧାରଣଙ୍କୁ ସେବା ଯୋଗାଇବା ସହ ଆଇନଶୃଙ୍ଖଳା ରକ୍ଷାରେ ଓଡ଼ିଶା ପୋଲିସ ସଦା ସଚେତନ ଓ ସଫଳ ଭାବରେ କାର୍ଯ୍ୟ କରୁଛି। ବିଶେଷକରି ଅନୁଗୋଳ ପୋଲିସ କ୍ରାଇମ କଣ୍ଟ୍ରୋଲ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓ ସମ୍ବେଦନଶୀଳ ମାମଲାଗୁଡିକୁ ଠିକ୍ ଭାବରେ ତଦନ୍ତ କରି ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସକ୍ଷମ ହୋଇଛି। ସାଇବର ଓ ଅର୍ଥନୈତିକ ଅପରାଧ ପୋଲିସ ପାଇଁ ନୂତନ ଆହ୍ୱାନ ସୃଷ୍ଟି କରୁଥିବା ସତ୍ତ୍ୱେ ଓଡ଼ିଶା ପୋଲିସ ସେଗୁଡିକୁ ଦମନ କରିବାରେ ସଫଳ ହେଉଛି। ଡିଜିଟାଲ ବ୍ୟବହାର ବଢ଼ିବା ସହ ସାଇବର ଠକମାନେ ନୂତନ ଉପାୟ ଅପଣାଇ ଠକେଇ କରୁଥିବାରୁ ଏହା ପୋଲିସ ପାଇଁ ଆଗାମୀ ଦିନରେ ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି ସେ ସତର୍କ କରିଥିଲେ। ଶେଷରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ୩୩ ଜଣ ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ଓ ଡିଏସ୍‌ପି ଯୋଗେଶ୍ୱରୀ ବେହେରା ସହଯୋଗ କରିଥିଲେ।

# ବିଭିନ୍ନତା ମଧ୍ୟରେ ଏକତା ଓଡ଼ିଆ ଅସ୍ମିତାର ପରିଚୟ

## ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

ଢେଙ୍କାନାଳ,୧୪(ରତନ ନାୟାର)




ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପରିସରରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ କହିଥିଲେ, ଆମର ଆରାଧ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଦେଶରେ ସମସ୍ତଙ୍କୁ ଏକତାର ସୂତ୍ରରୁ ବାନ୍ଧି ରଖିଛନ୍ତି । ଆମେ ଓଡିଆ, ସବୁଠୁ ବଢ଼ିଆ । ବିଭିନ୍ନତା ମଧ୍ୟରେ ଏକତା ହେଉଛି ଓଡ଼ିଆ ଅସ୍ମିତାର ପରିଚୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ନୂତନ ଓଡ଼ିଶା ନିର୍ମାଣ ପ୍ରୟାସ ଜାରିରହିଛି । ସବ୍‌କା ସାଥ୍, ସବକା ବିକାଶ, ସବକା ପ୍ରୟାସ ଓ ମହିଳାମାନଙ୍କର ଭାଗିଦାରୀରେ ଏକ ବିକଶିତ ଓଡ଼ିଶାର ପରିକଳ୍ପନା ହୋଇଛି। ୨୦୩୬ ସୁଦ୍ଧା ଆମର ଅର୍ଥନୀତି ୫୦୦ ବିଲିୟନ ଡଲାରରେ ପହଞ୍ଚିବ । ଓଡ଼ିଶା ପ୍ରଦେଶ ଗଠନର ୯୦ବର୍ଷ ପାଳନ ହେଉଛି । ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଇଥିଲା ଏହି ମାଟି । ଦେଶପ୍ରେମ ପାଇଁ ୧୨ବର୍ଷର ବାଳକ ବାଜି ରାଉତଙ୍କ ତ୍ୟାଗ ଓ ବଳିଦାନ ସମଗ୍ର ଦେଶ ପାଇଁ ବୀରତ୍ୱର ପ୍ରତିକ।

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ମହିଳାମାନଙ୍କ ନେତୃତ୍ୱ ବିକାଶର ପ୍ରତୀକ । ଢେଙ୍କାନାଳ ଏକ ଶିକ୍ଷା, ସମୃଦ୍ଧ ଓ ବିକଶିତ ଜିଲା । ଓଡ଼ିଶାର ପଖାଳ ଆଜି ବିଶ୍ୱସ୍ତରରେ ପହଞ୍ଚିଛି । ସୁଭଦ୍ରା ଯୋଜନା ଆଜି ଘରେ ଘରେ ପହଞ୍ଚିଛି । ୪ଟି କିସ୍ତିରେ ୨୦ହଜାର କୋଟି ଟଙ୍କା ଆମ ସରକାର ଦେଲେଣି । ମହିଳା ଆଜି ସଶକ୍ତ ଅର୍ଥନୀତି ଭାବରେ ଉଭା ହୋଇଛନ୍ତି । ୧୭ଲକ୍ଷ ଲକ୍ଷପତି ଦିଦି ଆମେ କରିଛୁ । ଅସ୍ମିତା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଏପ୍ରିଲ ୧ରୁ ୧୫ଦିନ ଧରି ଆମ ସରକାର ଓଡ଼ିଶା ଦିବସ ପାଳନ କରୁଛନ୍ତି । ଓଡିଆ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପଛରେ ଅନେକ ବୀର ସନ୍ତାନଙ୍କର ତ୍ୟାଗ ରହିଛି । ସେମାନଙ୍କୁ ଆଜି ମୁଁ ଶ୍ରଦ୍ଧାଞ୍ଜଳି ଜଣାଉଛି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ । ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ପୌରାଧ୍ୟକ୍ଷା ଜୟନ୍ତି ପାତ୍ର ଓ ଏସ୍‌ପି ଅଭିନବ ସୋନକର ଯୋଗଦେଇ ନିଜର ମତ ରଖିଥିଲେ। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉତ୍ସବରେ ସଭାପତିତ୍ୱ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## କପିଳାସ ପୀଠର ଉନ୍ନତୀକରଣ ନିଶ୍ଚିତ ହେବ

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ ଏବଂ ପର୍ଯ୍ୟଟନସ୍ଥଳ କପିଳାସର ନିଶ୍ଚିତ ଭାବରେ ଉନ୍ନତୀକରଣ ହେବ ବୋଲି ବୁଧବାର ଢେଙ୍କାନାଳରେ ଓଡ଼ିଶା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଆସିଥିବା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ । କପିଳାସର ଉନ୍ନତୀକରଣ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ସେ କହିଥିଲେ, କପିଳାସ ପୀଠର ଉନ୍ନତୀକରଣ ନିଶ୍ଚିତ ଭାବରେ କରାଯିବା ସେଥିପାଇଁ ପ୍ରୟାସ ଜାରିରହିଛି।

# ପ୍ରଶିକ୍ଷଣ କର୍ମଶାଳାରେ ଗୁରୁମନ୍ତ୍ର ଦେଲେ ଉପମୁଖ୍ୟମନ୍ତ୍ରୀ

ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦୀନ୍‌ଦୟାଲ ଉପାଧ୍ୟାୟ କିଭଳି କାର୍ଯ୍ୟକର୍ତ୍ତାମାନଙ୍କୁ ସମାଜର ଅନ୍ତିମ ସ୍ତରରେ ଥିବା ବ୍ୟକ୍ତିର ଉତ୍‌ଥାନ ପାଇଁ ପରାମର୍ଶ ଦେଉଥିଲେ ସେ ସମ୍ବନ୍ଧରେ ସ୍ମୃତିଚାରଣ କରି ସଙ୍ଗଠନର ଅଭିବୃଦ୍ଧି ପାଇଁ ପ୍ରଶିକ୍ଷଣର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳତା ଓ କଲ୍ୟାଣକାରୀ ଯୋଜନାଗୁଡିକ ବ୍ୟକ୍ତିମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତାମାନେ ପ୍ରତିବଦ୍ଧତା ଓ ଦାୟିତ୍ୱବାନ୍ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ସଭାପତି ରାସବିହାରୀ ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲା ପ୍ରଶିକ୍ଷଣ ସଂଯୋଜକ ମାତୃପ୍ରସାଦ ନନ୍ଦ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ଇତିଶ୍ରୀ ସାହୁ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ସମ୍ପାଦକ ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ, ପ୍ରଣତୀ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ହର୍ଷବର୍ଦ୍ଧନ ସିଂହଦେଓ, ଧ୍ରୁବଚରଣ ରାଉତ, ସୁଶିଲ୍ ରାଉତ, ମହାଦୀପ ଯଶୋବନ୍ତ ମହିମା, ଦୁଷ୍ମନ୍ତ ବେହେରା, ଭାରତୀ ସ୍ୱାଇଁ, ବରିଷ୍ଠ ଭାଜପା ନେତା ବାସୁଦେବ ଧଳଙ୍କ ସମେତ ଭାପୁର ମଣ୍ଡଳ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ସଦସ୍ୟା ଶୀଲାରାଣୀ ସାହୁ, କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ, କୋଦଣ୍ଡଧର ସାହୁ, ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, ପ୍ରମୋଦ ନନ୍ଦଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ୩୧ଟି ମଣ୍ଡଳର ପ୍ରଶିକ୍ଷଣ ସଦସ୍ୟ ଉପସ୍ଥିତ ଥିଲେ। ନଗରମଣ୍ଡଳ ସଭାପତି ବିକାଶ ସାହୁ ଧନ୍ୟବାଦ ଦେଇଥିଲେ।

# ସାଆନ୍ଦା କଲେଜର ଓଡ଼ିଆ ଅଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା

ପରଜଙ୍ଗ, ୧୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଜଳଧର ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଶିଶିର କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ୍ ତଥା ଢେଙ୍କାନାଳ ଇ-ବୋକ୍ସର ଅଧ୍ୟକ୍ଷ ଗୌରାଙ୍ଗ ଚରଣ ମହାରଣା, ଅଧ୍ୟାପକ ପଞ୍ଚାନନ ବେହେରା, ଅଧ୍ୟାପିକା କାନନବାଳା ଦେହୁରୀ, ଅଧ୍ୟାପକ ଶିଶିର କୁମାର ପଣ୍ଡା, ନିରଞ୍ଜନ ପଞ୍ଚୁଆତି, ବରିଷ୍ଠ କିରାଣି ଆଲୋକ କୁମାର ପାଣିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଅଧ୍ୟାପକ, ମ୍ୟାନେଜମେଣ୍ଟ କମିଟିର ସଦସ୍ୟ, କଲେଜର ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

# ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ



୯୧ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମ୍ମାନିତ ପୋଲିସ ଅଧିକାରୀ ଓ କର୍ମଚାରୀ।

ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ପଡିଆଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନକର ଆନୁଷ୍ଠାନିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ପୋଲିସ ମହା ନିର୍ଦ୍ଦେଶକଙ୍କ ପ୍ରଦତ୍ତ ବାର୍ତ୍ତା ପାଠ କରାଯାଇଥିଲା । ସେହିପରି ଅବସରପ୍ରାପ୍ତ ପୋଲିସ କର୍ମଚାରୀ ରମେଶଚନ୍ଦ୍ର ସ୍ୱାଇଁ, ଅମରେନ୍ଦ୍ର ମହାନ୍ତି, ବିଧୁଭୂଷଣ ମିଶ୍ର, ବିଶିଷ୍ଟ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ଆଇ ସୌମ୍ୟରଞ୍ଜନ ମହାନ୍ତି, ଏସ୍‌ଆଇ ସୌଭାଗ୍ୟ ପାଣି, ହାବିଲଦାର ମୋନାଲିସା ପୃଷ୍ଟି, ଏଏସ୍‌ଆଇ ସଞ୍ଜୟ ସାହୁ, କନଷ୍ଟେବଲ ବିକାଶ ଖଟୁଆ, ବେସାରତ ଖାଁ, ଏଏସ୍‌ଆଇ ସଞ୍ଜୟ କୁମାର ଦେହୁରୀ, ହାବିଲଦାର ସୁଧାଂଶୁ ଭୂଷଣ ପ୍ରଧାନ ଓ ଶୁଭେନ୍ଦୁ କୁମାର ମହାଲିକ, କନଷ୍ଟେବଲ ବିଭୂତି ଭୂଷଣ ସ୍ୱାଇଁ, ବିକାଶଚନ୍ଦ୍ର ସ୍ୱାଇଁ, ଏସ୍‌କେ ନୁରୁଲ ହକ୍, କୁମୁଦ ବିକାଶ ପ୍ରଧାନ, ସନ୍ତୋଷ କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇଥିଲେ । ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଆ ବିଭାଗ ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନ, ୧୪ (ବିପିନ ବିହାରୀ ସେଠୀ)




ଢେଙ୍କାନାଳ ଜିଲା ଭୁବନ ବାଜିରାଉତ ସ୍ମୃତି କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ବାସୁଦେବ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଅଧ୍ୟାପକ ସାହୁ ୧୯୯୧ରେ କଲେଜରେ ଚାକିରି ଆରମ୍ଭ କରିଥିଲେ। ଏହା ଅବସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ଡ. ପ୍ରଭାତ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ ଓ ମୁଖ୍ୟ କିରାଣି କୈଳାସଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ବାସୁଦେବ ସାହୁଙ୍କ ସହିତ ରହିଥିବା ସ୍ମୃତିକୁ ନିଜ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକମାନେ ରୋମନ୍ଥନ କରିଥିଲେ। ନିଜ ବିଦାୟୀ ଅଭିଭାଷଣରେ ଅଧ୍ୟାପକ ସାହୁ ମହାବିଦ୍ୟାଳୟରେ ଦୀର୍ଘ ତିନିଦଶନ୍ଧିରୁ ଊର୍ଦ୍ଧ୍ୱକାଳର ଅନୁଭୂତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଗ୍ରନ୍ଥାଗାରୀକ ନନ୍ଦକିଶୋର ଧୀର ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପକ ତପନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳନ



ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଜିଲା କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ଉପସଭାପତି ଅଜୟ କୁମାର ଭଞ୍ଜ, ଟାଉନ ବିଜେଡି ସଭାପତି ବିନୋଦ କୁମାର ମହାନ୍ତି, ଛାତ୍ର ବିଜେଡି ସଭାପତି ଆରୟାନ ଦାସ, କାଉନସିଲର ସାଗିର ମହମ୍ମଦ, ବଂଶୀଧର ଦଳେଇ, ରାଜ୍ୟ ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଜୋସ୍ନାରାଣୀ ମଣ୍ଡଳ, ବିଷ୍ଣୁପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ନଗର ସଭାପତି ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ



କାମାକ୍ଷାନଗର, ୧୪ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସଦର ମହକୁମାରେ ବୁଧବାର ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଦିନମଣି ନାଏକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅବଦାନ ଥିବା ବରପୁତ୍ରଙ୍କୁ ମନେ ପକାଇବା ସହ ନିଜର ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡା ବୋଲି ଅତିଥିମାନେ ମତ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ବଟକୃଷ୍ଣ ମଲ୍ଲିକ, ସହକାରୀ ଜିଲାପାଳ ସୌମ୍ୟଜିତ ପାଇକରାୟ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ଅନନ୍ୟା ଆଚାର୍ଯ୍ୟ, ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ସ୍ୱର୍ଣ୍ଣପ୍ରଭା ବିରୁଆ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ସମ୍ପାଦକ ପ୍ରଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଂଗ୍ରେସ ତରଫରୁ ଓଡ଼ିଶା ଦିବସ ପାଳିତ

ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ଗାନ୍ଧୀ ମନ୍ଦିରରେ ୯୦ତମ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସୁରସୁରୀ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ଓଡ଼ିଶା ପ୍ରଦେଶ ଗଠନର ଇତିହାସ ଏବଂ ଏହା ପାଳନ କରାଯିବାର ମହତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାଷାଭିତ୍ତିକ ପ୍ରଦେଶ ଗଠିତ ହୋଇଥିଲେ ହେଁ, ସରକାରୀ କାର୍ଯ୍ୟାଳୟ, ଅଦାଲତ, ବ୍ୟବସାୟ ପ୍ରତିଷ୍ଠାନ ଫଳକରେ ଇଂଲିଶ ଭାଷା ବହୁଳ ଭାବେ ବ୍ୟବହୃତ ହେବା ପରିତାପର ବିଷୟ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଆଜିର ଯୁବପିଢି ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ସଭାରେ ଜିଲା ଉପସଭାପତି ବିନୟ କୁମାର ସାହୁ, ଡାକ୍ତର ତୁଷାରକାନ୍ତି ନାୟକ, ପ୍ରଭୂଦତ୍ତ ଭଞ୍ଜ, ବ୍ଲକ୍ ସଭାପତି ବିପ୍ରବର ସାହୁ, ସ୍ମିତାରାଣୀ ସାମଲ, ରୁବେନା ବେଗମ୍ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଟାଉନ୍ ସଭାପତି ବିକାଶ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଓଡ଼ିଶା ଦିବସ ଓ ନୂତନ ଶିକ୍ଷାବର୍ଷ ଆରମ୍ଭ

ଓଡ଼ାପଢ଼ା, ୧୪ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧଳପୁରରେ ଓଡ଼ିଶା ଦିବସ ଓ ନୂତନ ଶିକ୍ଷାବର୍ଷ ପାଳିତ ହୋଇଥିଲା। ଏହି ଅବସରରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବରେ ରୂପେଶ ବେହେରା ଓ ମୋନାଲିସା ଖିଲାର ବସିଥିଲେ। ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୱତ ପରିଷଦର ସମ୍ପାଦକ ଡ. ଗିରିଶ ପ୍ରସାଦ ଦାଶ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା ସମିତିର ସଭାପତି ଘନଶ୍ୟାମ ସାମଲ ଶିଶୁ ଭଉଣୀଭାଇମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଅନୁଷ୍କା ଶତପଥୀ ଉତ୍କଳ ଦିବସ ବିଷୟରେ ମତପ୍ରକାଶ କରିଥିଲେ। ଆଚାର୍ଯ୍ୟା ପ୍ରତିଭା ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଯୋଜନା କମିଟି ଅଧ୍ୟକ୍ଷା ହେଲେ ସୀମାରାଣୀ

ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଜିଲା ଯୋଜନା କମିଟିର ଅଧ୍ୟକ୍ଷା ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି କରାଯାଇଛି। ଏଥିନିମନ୍ତେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲାର ବିକାଶ ପାଇଁ



ଆଗାମୀ ଦିନରେ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରାଯିବ ବୋଲି କହିଛନ୍ତି।

# ଉତ୍ପୁନା ପକ୍ଷରୁ ଓଡ଼ିଶା ଦିବସ



ଢେଙ୍କାନାଳ,୧୪(ରତନ ନାୟାର)

ଢେଙ୍କାନାଳ ଉତ୍ପୁନା ଅନୁଷ୍ଠାନ ପକ୍ଷରୁ ବୁଧବାର ସହରସ୍ଥିତ ରଥଗଡାଠାରେ ଥିବା କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଉତ୍ପୁନାର ସଭାପତି ତଥା ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶବିତ ଉପେନ୍ଦ୍ର ରାଉତ କହିଲେ, ଆସନ୍ତା ୨୦୩୬ରେ ଓଡିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୧୦୦ବର୍ଷ ପାଳନ କରିବାକୁ ଯାଉଥିବାରୁ ବର୍ତ୍ତମାନ ରାଜ୍ୟ ସରକାର ବିକଶିତ ଓଡିଶା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସମ୍ପାଦକ କବି ବାହାଦୂର ପାଟସାହାଣୀ, ଯୁଧିଷ୍ଠିର ସାହୁ, ଇଂ. ଅବିନାଶ ଦାସ, ବିପିନ ବେହେରା, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସୁସ୍ଥ ଭାରତ ଗଠନ ପାଇଁ ଯୁବପିଢ଼ି ପୁଷ୍ଟିର ବାହକ ସାଜନ୍ତୁ

## ଆଇଆଇଏମ୍‌ସି ପରିସରରେ ସ୍ୱତନ୍ତ୍ର କର୍ମଶାଳା

ଢେଙ୍କାନାଳ,୧୪(ରତନ ନାୟାର)



ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ 'ମେରି ଥାଲି, ସେହତ ୱାଲି' ବାର୍ତ୍ତା ନେଇ ଏକ ସ୍ୱତନ୍ତ୍ର କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସୁସ୍ଥ ଆହାରକୁ ଏକ ଜାତୀୟ ଆବଶ୍ୟକତା ଭାବେ ଅଭିହିତ କରାଯାଇଥିଲା। କର୍ମଶାଳାର ମୁଖ୍ୟ ବିଷୟବସ୍ତୁ ଥିଲା 'ସ୍ୱାସ୍ଥ୍ୟକର ଆହାର କେବଳ ଏକ ବ୍ୟକ୍ତିଗତ ପସନ୍ଦ ନୁହେଁ, ବରଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଏକ ଆବଶ୍ୟକତା' । ଏହି ଅବସରରେ ୟୁନିସେଫ ପୁଷ୍ଟିସାଧନ ବିଶେଷଜ୍ଞ ସୌରଭ ଭଟାଚାର୍ଯ୍ୟ କହିଥିଲେ, ଭାରତର ପ୍ରାୟ ୩୫ ପ୍ରତିଶତ ଜନସଂଖ୍ୟା ଶିଶୁ ଓ କିଶୋର ହୋଇଥିବାରୁ ସେମାନେ ହିଁ ଦେଶର ବିକାଶର ମୁଖ୍ୟ ଆଧାର । ୧୯୯୨ର ଶିଶୁ ଅଧିକାର ସମ୍ମିଳନୀର ସଂକଳ୍ପକୁ ଦୋହରାଇ କହିଲେ, ଯୁବପିଢ଼ି ହେଉଛନ୍ତି ସ୍ୱାସ୍ଥ୍ୟର ପ୍ରକୃତ ବାହକ, ଯେଉଁମାନେ ନିଜେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା ସହ ସମାଜରେ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି କରି ବିକଶିତ ଭାରତ ୨୦୪୭ ସ୍ୱପ୍ନକୁ ସାକାର କରିପାରିବେ । ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ଦ୍ରୁତଗତିରେ ବୃଦ୍ଧି ପାଉଥିବା ମେଦ ବହୁଳତା ସମସ୍ୟା ଉପରେ ଗଭୀର ଆଲୋକପାତ କରିଥିଲେ। ଏଥିସହିତ କିଶୋର ଓ ଯୁବପିଢ଼ି ସ୍ୱାସ୍ଥ୍ୟକର ଖାଦ୍ୟ ପରିବର୍ତ୍ତେ ଜଙ୍କଫୁଡ ଆଡ଼କୁ ଯେଉଁଭଳି ଆକର୍ଷିତ ହେଉଛନ୍ତି ସେ ସମ୍ପର୍କରେ ଚିନ୍ତାପ୍ରକଟ କରି ପୁଷ୍ଟି ସାକ୍ଷରତା ଓ ନ୍ୟୁଟ୍ରିସନାଲ ଲିଟେରାସି ଉପରେ ଗୁରୁତ୍ୱ ଦେଇଥିଲେ । ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ, ସୁସ୍ଥ ଭାରତ ଗଠନ ଦିଗରେ ପ୍ରଥମେ ସନ୍ତୁଳନ ଓ ପୋଷକଯୁକ୍ତ ଖାଦ୍ୟର ଆବଶ୍ୟକତା, ଅଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ପାଇଁ ବ୍ୟାୟାମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହାପରେ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଡାଲି, ପନିର, ଅଣ୍ଡା, ସୋୟାବିନ ଆଦି ପ୍ରାକୃତିକ ଖାଦ୍ୟକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ଶେଷରେ ଡ. ବିରଞ୍ଚି ନାରାୟଣ ସେଠ୍ ଧନ୍ୟବାଦ ଦେଇଥିଲେ।

